**OFFICE OF THE MUNICIPAL COUNCIL: BALANGIR**

Address: - Office of the Municipal Council Balangir, Opp. Of Rajendra park Balangir, Pin: -767001,
Ph No.: - 06652 232720, Email ID:- bgrmc1972@gmail.com

Letter No 2561 // Date. 04/8/23//

## ଅଭିବ୍ୟକ୍ତି ପ୍ରକାଶନ

ଏତଦ୍ ଦ୍ୱାରା ବଲାଙ୍ଗିର ପୌରପରିଷଦ ସମସ୍ତ ୨୧ ଗୋଟି ୱାର୍ଡ ର ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଛି ଯେ, ଗୃହ ଓ ନଗର ଉନ୍ନୟନ ବିଭାଗ ର ପତ୍ର ସଂଖ୍ୟା - ୧୨୩୦୧ ତା. ୧୭.୦୬.୨୦୨୩ ଅନୁଯାଇ ମୁକ୍ତା ଯୋଜନା ମାଧମରେ ବଲାଙ୍ଗିର ପୌରପାଳିକା ର ସମସ୍ତ ୨୧ ଗୋଟି ୱାର୍ଡ ରେ ହେବାକୁ ଥିବା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଯଥା : ମିନି ପାର୍କ, ଶିଶୁ କ୍ରିଡା ଉଦ୍ୟାନ, ସହର ସୌନ୍ଦର୍ଯ୍ୟ କରଣ, ପବ୍ଲିକ ଜିମ୍ ଓ ୱାକିଙ୍ଗ ଟ୍ରାକ ଇତ୍ୟାଦି ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ (ମିଶନ ଶକ୍ତି ) ଙ୍କ ଠାରୁ ଦରଖାସ୍ତ ଗ୍ରହଣ କରିବାପାଇଁ ପୌର ପରିଷଦର ପତ୍ର ସଂଖ୍ୟା-୨୪୩୮ ତା.୨୫.୦୭.୨୦୨୧ ରେ ଆହ୍ୱାନ କରାଯାଇଥିଲା । ଉପରୋକ୍ତ ପତ୍ର ର ଦରଖାସ୍ତ ଆହ୍ୱାନର ଶେଷ ସମୟ ତା.୦୫.୦୮.୨୦୨୩ ଅପରାହ୍ଣ ଘ: ୫.୦୦ ଟା ରଖାଯାଇଥିଲା । ଲଗାଣ ବର୍ଷା ଓ ଅର୍ନିବାର୍ଯ୍ୟ କାରଣ ବସତଃ ଉକ୍ତ ସମୟକୁ ବୃଦ୍ଧି କରାଗଲା ଏବଂ ଦରଖାସ୍ତ ଦାଖଲ କରିବାର ଶେଷ ସମୟ ତା.୧୦.୦୮.୨୦୨୩ ଅପରାହ୍ଣ ଘ: ୫.୦୦ ସମୟ କୁ ସ୍ଥିର କରାଗଲା ଏବଂ ଆସନ୍ତା ତା.୧୧.୦୮.୨୦୨୩ ରିଖ ପୂର୍ବାହ୍ଣ ୧୧.୦୦ ଘଟିକା ସମୟରେ ମିଶନଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ କିମ୍ବା ସେମାନଙ୍କ ପ୍ରତିନିଧି ଙ୍କ ଉପସ୍ଥିତିରେ ନିମ୍ନ ସାକ୍ଷରକାରୀ ଙ୍କ କାର୍ଯ୍ୟାଳୟରେ ଖୋଲାଯିବା ପାଇଁ ସ୍ଥିର କାରାଗଲା । ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡିତ ଆବେଦନ ପତ୍ର ବଲାଙ୍ଗିର ଜିଲ୍ଲା ୱେବ ସାଇଟ (www.balangir.nic.in) ରୁ ମଧ୍ୟ ଡାଉନଲୋଡ କରିପାରିବେ । ଲଫାପା ର ଉପରେ "ମୁକ୍ତା ଯୋଜନା ଦ୍ୱାରା ସହର ରୂପାନ୍ତରିକରଣ-୨୦୨୩" ଲେଖାଥିବା ଆବଶ୍ୟକ । ଅଧିକ ଜାଣିବାପାଇଁ ବଲାଙ୍ଗିର ପରିଷଦର ର C.O. / ମୁକ୍ତା ପ୍ରକୋଷ୍ଠ ସହିତ ଯୋଗାଯୋଗ କରନ୍ତୁ । ଆବେଦନ ପାଇଁ ନିର୍ଦ୍ଧାରିତ ଆବେଦନ ପତ୍ର ସଂଲଗନ୍ନ କରାଗଲା ।

Memo No. 2562 /Dt. 04/08/23

Copy to I&PR Department Odisha, Bhubaneswar for information and necessary action. They are requested to Publish the EOI for one day in Two daily Odia News Paper in all Odisha Publication in minimum size i.e. (8cmx6cm)

କାର୍ଯ୍ୟ ନିର୍ବାହୀ ଅଧିକାରୀ,
**ବଲାଙ୍ଗିର** ପୌରପାଳିକା

### ମିଶନଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ ର ଯୋଗ୍ୟତା ପରିମାପକ ମାନଦଣ୍ଡ

୧. ଆବେଦନ କରିଥିବା ମିଶନଶକ୍ତି ଗୋଷ୍ଠୀ ସମ୍ପୃକ୍ତ ୱାର୍ଡ ର ହୋଇଥିବେ ।

୨. ପଂଚ ସୂତ୍ର ନିୟମକୁ ଅନୁପାଳନ କରୁଥିବେ (ନିୟମିତ ବୈଠକ, ନିୟମିତ ସଂଚୟ, ନିୟମିତ ଗୋଷ୍ଠୀ ମଧ୍ୟରେ ଋଣକାରବାର, ନିୟମିତ ପରିଶୋଧ, ନିୟମିତ ହିସାବ ରଖିବା ଇତ୍ୟାଦି )

୩. ମିଶନଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ PAN Card ଥିବ ।

୪. ଗୋଷ୍ଠୀ / ସଂଘର ସକ୍ରିୟ ଜମାଖାତ ଥିବ ।

୫. କୌଣସି ଅର୍ଥିକ ଅନିୟମିତତା କିମ୍ବା ବ୍ୟାଙ୍କ୍ ଖିଲାପି ନଥିବେ ।

୬. ଗୋଷ୍ଠୀ / ସଂଘ ଗୋଟିଏ ଆର୍ଥିକ ବର୍ଷରେ ୪୦ ଲକ୍ଷ ରୁ ଅଧିକ କାର୍ଯ୍ୟ କରିନଥିବେ ।

Scanned with OKEN Scanner

୭. ଗୋଷ୍ଠୀ / ସଂଘ ଆର୍ଥିକ ବର୍ଷରେ ୨.୫ ଲକ୍ଷ ରୁ ଅଧିକ ଡଦାରଖ ରାଶି ଯଦି ପାଇଥିବେ ସେ ସରକାରଙ୍କ ଆୟକର ଦେୟ କରିଥିବେ ।

୮. ଗୋଷ୍ଠୀ / ସଂଘ ର ପଞ୍ଜିକରଣ ଅଭିବ୍ୟକ୍ତି ପ୍ରକାଶନ ର ତାରିଖ ପୂର୍ବରୁ ଏକ ବର୍ଷ ହୋଇଥିବ ।

କାର୍ଯ୍ୟ ନିର୍ବାହୀ ଅଧିକାରୀ,
**ବଲାଙ୍ଗୀର** ପୌରପାଳିକା

ପରି ପତ୍ର ସଂଖ୍ୟା : 2563 ତାରିଖ : 04/08/23

ଏହାର ଏକକିତା ନକଲ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ବଲାଙ୍ଗୀର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ୱାର୍ଡ ମାନଙ୍କ ର ସମସ୍ତ ମିଶନଶକ୍ତି ଗୋଷ୍ଠି ମାନଙ୍କ ଦୃଷ୍ଟି କୁ ଆଣିବାକୁ ଅନୁରୋଧ ।

କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗୀର ପୌରପାଳିକା

ପରି ପତ୍ର ସଂଖ୍ୟା : 2564 ତାରିଖ : 04/08/23

ଏହାର ଏକକିତା ୱାର୍ଡ ଅଧିକାରୀ / CMM/ ଗୋଷ୍ଠି ସଙ୍ଗଠିକା ବଲାଙ୍ଗୀର ପୌରପାଳିକା ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ସମସ୍ତ ୱାର୍ଡ ମାନଙ୍କ ର ମିଶନଶକ୍ତି ଗୋଷ୍ଠି / ବସ୍ତି ବାସିନ୍ଦା ସଂଗଠନ ମାନଙ୍କ ଦୃଷ୍ଟି ଗୋଚର ହେଲା ବୋଲି ପ୍ରାମାଣିକ ହସ୍ତାକ୍ଷର ସହ ଯୋଗାଇଦେବା କୁ ୱାର୍ଡ ଅଧିକାରୀ ମାନଙ୍କୁ ଅନୁରୋଧ ।

କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗୀର ପୌରପାଳିକା

ପରି ପତ୍ର ସଂଖ୍ୟା : 2565 ତାରିଖ : 04/08/23

ଏହାର ଏକକିତା ନକଲ ଅଫିସ ନୋଟିସ ବୋର୍ଡ ରେ ସମସ୍ତ ଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗୀର ପୌରପାଳିକା

ପରି ପତ୍ର ସଂଖ୍ୟା : 2566 ତାରିଖ : 04/08/23

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ NIC, ବାଲାଙ୍ଗୀର ଙ୍କୁ ଜିଲ୍ଲା website ରେ upload କରିବା ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗୀର ପୌରପାଳିକା

ପରି ପତ୍ର ସଂଖ୍ୟା : 2567 ତାରିଖ : 04/08/23

ଏହାର ଏକକିତା ନକଲ ଜିଲ୍ଲାପାଳ, ବଲାଙ୍ଗୀର / ପ୍ରକଳ୍ପ ନିର୍ଦ୍ଦେଶକ ଡୁଡା ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗୀର ପୌରପାଳିକା

ପରି ପତ୍ର ସଂଖ୍ୟା : 2568 ତାରିଖ : 04/08/23

ଏହାର ଏକକିତା ନକଲ ସ୍ୱତନ୍ତ୍ର ସଚିବ, ଗୃହ ଓ ନଗର ଉନ୍ନୟନ ବିଭାଗ, ଭୁବନେଶ୍ୱର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗୀର ପୌରପାଳିକା

Scanned with OKEN Scanner

# ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା)

## ମୁକ୍ତାଯୋଜନାରେ ନିର୍ମାଣ କାର୍ଯ୍ୟ ପାଇଁ ଆବେଦନ ପତ୍ର

ପ୍ରକଳ୍ପ ନାମ : ____________________

ତାରିଖ ____________

୧. ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଙ୍ଘର ନାମ –

୨.ଗୋଷ୍ଠୀ/ସଙ୍ଘର ସଭାପତି ଏବଂ ସମ୍ପାଦିକାଙ୍କମୋବାଇଲ ନମ୍ବର :............................./........................

୩. ଗୋଷ୍ଠୀ/ସଙ୍ଘର ଠିକଣା (ୱାର୍ଡ ନମ୍ବର ସହିତ)-

୪. ସମ୍ପୃକ୍ତ ସଦସ୍ୟା/ସଦସ୍ୟଙ୍କ ସଂଖ୍ୟା :

୫. ଗୋଷ୍ଠୀ/ସଙ୍ଘରପଞ୍ଜିକରଣ ନମ୍ବର:

୬. ସଞ୍ଚୟ ଖାତା ନମ୍ବର :

୭. ବ୍ୟାଙ୍କ ଓ ଶାଖା ର ନାମ :

୮ . IFSC କୋଡ୍:

୯.ଗୋଷ୍ଠୀ/ସଙ୍ଘର PAN କାର୍ଡ ନମ୍ବର:

୧୦. ସଞ୍ଚୟ ଖାତାରେ ଥିବା ବଳକା ରାଶିର ପରିମାଣ :

୧୧. ପଞ୍ଚସୂତ୍ର ନିୟମାବଳୀ ଅନୁସରଣ କରୁଛନ୍ତି କି ? ............

୧୨. ଚଳିତ ବର୍ଷ ପାଇଥିବା କାର୍ଯ୍ୟର ସମୁଦାୟ ଆର୍ଥିକ ମୂଲ୍ୟ ............

୧୩. ଚଳିତ ବର୍ଷ ମୁକ୍ତା ଯୋଜନାରେ ପାଇଥିବା ସମୁଦାୟ କାର୍ଯ୍ୟର ବିବରଣୀ (କାର୍ଯ୍ୟର ନାମ ଏବଂ ଏହାର ଆର୍ଥିକ ମୂଲ୍ୟ )

ଦସ୍ତଖତ (ସଭାନେତ୍ରୀ/ସଭାପତି)

ଦସ୍ତଖତ(ସମ୍ପାଦିକା/ସମ୍ପାଦକ)

**ଦରଖାସ୍ତ ସହିତ ପ୍ରମାଣ ପତ୍ର –**

୧. Resolution ଖାତାର ପ୍ରଥମ ପୃଷ୍ଠା ଓ ଶେଷ ୬ ମାସର ନକଲ

୨. ବ୍ୟାଙ୍କ ଖାତାର ପ୍ରଥମ ପୃଷ୍ଠା ଓ ୬ ମାସର ବ୍ୟାଙ୍କ ଷ୍ଟେଟମେଣ୍ଟ

୩. କ୍ୟାଶବୁକ ନକଲ

୪.ସଭାନେତ୍ରୀ/ସଭାପତିଙ୍କ ଆଧାର କାର୍ଡର ନକଲ

୫. PAN କାର୍ଡର ନକଲ

୬. ପୂର୍ବରୁ ପାଇଥିବା କାର୍ଯ୍ୟାଦେଶର ପ୍ରମାଣ ପତ୍ର ର ନକଲ

ନିର୍ବାହୀ ଅଧିକାରୀ

ପ୍ରକଳ୍ପ ସଂଯୋଜକ (ମୁକ୍ତା)



Scanned with OKEN Scanner